# NATIONAL NEWS BULLETIN (ODIA)

**14 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି ଚତୁର୍ଥ ମୁଖ୍ୟ ଶାସନ ସଚିବ ସ୍ତରୀୟ ଜାତୀୟ ସମ୍ମିଳନୀ

- ଭାରତୀୟ ସମ୍ବିଧାନର ୭୫ବର୍ଷର ଗୌରବମୟ ଯାତ୍ରା ଉପରେ ଲୋକସଭାରେ ଚାଲିଛି ସ୍ୱତନ୍ତ୍ର ଆଲୋଚନା

- ‘ଗୋଟିଏ ଦେଶ ଗୋଟିଏ ନିର୍ବାଚନ’ ସମ୍ପର୍କିତ ଦୁଇଟି ବିଲ୍ ଆସନ୍ତା ସୋମବାର ଦିନ ଲୋକସଭାରେ ହେବ ଆଗତ

- ଦକ୍ଷିଣକୋରିଆ ସଂସଦରେ ରାଷ୍ଟ୍ରପତି ୟୁନସୁକୟୋଲଙ୍କ ବିରୋଧରେ ଦ୍ୱିତୀୟ ମହାଅଭିଯୋଗ ପ୍ରସ୍ତାବ ଆଗତ

ଏବଂ

- ବିନା ଜମାନତରେ କୃଷି ଋଣସୀମା ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଘୋଷଣା

# ପିଏମ୍ ନ୍ୟାସନାଲ କନଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଚତୁର୍ଥ ମୁଖ୍ୟ ଶାସନ ସଚିବ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏହି ୩ ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି ।  ସାଧାରଣ ବିକାଶ ଏବଂ ଏହାର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା କରାଯିବା ସହିତ ରାଜ୍ୟଗୁଡ଼ିକର ସହଭାଗିଦାରିତା ନେଇ ଏକ ସମନ୍ୱିତ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ଆହୁରି ସୁଦୃଢ଼ କରାଯିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେଉଛି । ସମବାୟ ସଂଘୀୟ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଦ୍ରୁତ ଅଭିବୃଦ୍ଧି ଓ ବିକାଶ ହାସଲ ପାଇଁ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଏହି ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଉଛନ୍ତି ।  ଉଦ୍ୟୋଗ, ନିଯୁକ୍ତି ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ତଥା ଜନସଂଖ୍ୟାଗତ ଲାଭାଂଶର ଉପଯୋଗ ଶୀର୍ଷକ ପ୍ରସଙ୍ଗ ଉପରେ ଚଳିତବର୍ଷର ଏହି ଜାତୀୟ ସମ୍ମିଳନୀକୁ ଆୟୋଜନ କରାଯାଇଛି ।  ଉତ୍ପାଦନ, ସେବା, ଗ୍ରାମୀଣ ଅଣକୃଷି, ସହରାଞ୍ଚଳ, ଅକ୍ଷୟଶକ୍ତି, ଅର୍ଥନୀତି ଭଳି ୬ଟି କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି ।

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପୁଞ୍ଜିନିବେଶ, ରାଜ୍ୟଗୁଡ଼ିକର

ଅର୍ଥନୈତିକ ସଂସ୍କାର ଏବଂ ମିଶନ କର୍ମଯୋଗୀ ମାଧ୍ୟମରେ ଦକ୍ଷତାବିକାଶ ସମ୍ପର୍କିତ ୪ଟି ସ୍ୱତନ୍ତ୍ର ଅଧିବେଶନ ଏହି ସମ୍ମିଳନୀ ଅବସରରେ ଆୟୋଜିତ ହେଉଛି। ସୂଚନାଯୋଗ୍ୟ, ପ୍ରଥମ ସମ୍ମିଳନୀ ଗତ ୨୦୨୨ରେ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିବାବେଳେ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଗତବର୍ଷ ଜାନୁୟାରୀରେ ଏବଂ ତୃତୀୟ ସଂସ୍କରଣ ଗତବର୍ଷ ଡିସେମ୍ବର ମାସରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା।

## ଏଲ୍ଏସ୍ କନ୍ଷ୍ଟିଚ୍ୟୁସନ୍ ଡିସ୍କସନ୍

ଭାରତୀୟ ସମ୍ବିଧାନର ୭୫ବର୍ଷର ଗୌରବମୟ ଯାତ୍ରା ଉପରେ ଆଜି ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସମ୍ବିଧାନ ପ୍ରସ୍ତୁତିରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ବିଧାନିକ ଭାବନା ଅନୁଯାୟୀ, 'ସବ୍ କା ସାଥ, ସବ୍କା ବିକାଶ, ସବ୍କା ବିଶ୍ୱାସ ଏବଂ ସବ୍କା ପ୍ରୟାସ' ମନ୍ତ୍ର ଆଧାରରେ କାର୍ଯ୍ୟ କରୁଛନ୍ତି। ସ୍ୱାଧୀନତା ପରେ ସମସ୍ତଙ୍କ୍ ପାଇଁ ସମାନ ଅଧିକାର ସୁନିଶ୍ଚିତ ହୋଇଛି ବୋଲି ସେ କହିଥିଲେ। ଦେଶରେ ସଂଖ୍ୟାଲଘୁଙ୍କ ପ୍ରତି କୌଣସି ଭେଦଭାବ ନାହିଁ ଏବଂ ସେମାନଙ୍କୁ ଆଇନ୍ଗତ ସୁରକ୍ଷା ମିଳିପାରୁଛି ବୋଲି ସେ କହିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟକଙ୍କ କଲ୍ୟାଣ ପାଇଁ ଦେଶରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଏ ନେଇ ଗୃହରେ ଆଲୋଚନା ଜାରି ରହିଥିଲା।

## ବିଲ୍-ୱାନ୍ ନେସନ୍ ୱାନ୍ ଇଲେକ୍ସନ

‘ଗୋଟିଏ ଦେଶ ଗୋଟିଏ ନିର୍ବାଚନ’ ସମ୍ପର୍କିତ ୨ଟି ବିଲ୍ ଆସନ୍ତା ସୋମବାର ଦିନ ଲୋକସଭାରେ ଆଗତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଆଇନ୍‌ମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ଲୋକସଭାରେ ସମ୍ବିଧାନ ୧୨୯ତମ ସଂଶୋଧନ ବିଲ୍ ଏବଂ କେନ୍ଦ୍ରଶାସିତ ଅଂଚଳ ସଂଶୋଧନ ଆଇନ୍ ବିଲ୍ ଆଗତ କରିବେ । ସୂଚନାଯୋଗ୍ୟ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ପ୍ରସଙ୍ଗ ନେଇ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି । ବିଭିନ୍ନ ରାଜନୈତିକ ଦଳ, ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ବିଚାରବିମର୍ଶ ପରେ କମିଟି ତାର ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିସାରିଛି ।  ଗୋଟିଏ ଦେଶ ଗୋଟିଏ ନିର୍ବାଚନ’କୁ ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବାକୁ କମିଟି ସୁପାରିଶ୍ କରିଛି । ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେବାକୁ ଥିବାବେଳେ ସାଧାରଣ ନିର୍ବାଚନର ୧୦୦ ଦିନ ମଧ୍ୟରେ ପଞ୍ଚାୟତ ଓ ପୌରପାଳିକା ଭଳି ସ୍ଥାନୀୟ ସଂସ୍ଥା ନିର୍ବାଚନ ଅନୁଷ୍ଠିତ ହେବା ନେଇ କମିଟି ତା’ ରିପୋର୍ଟରେ ସୁପାରିଶ୍ କରିଛି ।

## ଦିଲ୍ଲୀ ସ୍କୁଲ ବମ୍

ଦିଲ୍ଲୀର ଆର୍‌କେପୁରମ୍‌ର ଅଂଚଳରେ ଥିବା ଏକ ଘରୋଇ ବିଦ୍ୟାଳୟକୁ ଆଜି ବୋମା ବିସ୍ଫୋରଣ ସମ୍ପର୍କିତ ଧମକ ମିଳିଥିଲା । ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟା ବେଳକୁ ସ୍କୁଲକୁ ଏ ନେଇ ଏକ ଇମେଲ ମିଳିଥିଲା । ଦିଲ୍ଲୀ ପୁଲିସ୍, ବୋମା ଚିହ୍ନଟକାରୀ ଦଳ ଏବଂ ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତେବେ କୌଣସି ସନ୍ଦେହଜନକ ସାମଗ୍ରୀ ହସ୍ତଗତ

ହୋଇନାହିଁ। ଏଭଳି ଧମକକୁ ମିଥ୍ୟା ବୋଲି ଘୋଷଣା କରାଯିବା ସହ ତଦନ୍ତକାରୀ ଦଳ ପ୍ରତ୍ୟାବର୍ତ୍ତନ କରିଥିବା ଅଗ୍ନିଶମ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତକାଲି ରାଜଧାନୀର ୩୦ରୁ ଅଧିକ ବିଦ୍ୟାଳୟରେ ବୋମା ବିସ୍ଫୋରଣ ହେବା ନେଇ ଧମକ ମିଳିଥିଲା। ସୂଚନା ପରେ ବିଦ୍ୟାଳୟଗୁଡ଼ିକୁ ଖାଲି କରାଯିବା ସହ ବୋମା ନିଷ୍କ୍ରିୟକାରୀ ଦଳ ସେଠାରେ ଯାଞ୍ଚ କରିଥିଲେ। ତେବେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନଥିଲା।

## ପିଏମ୍-ରାଜକାପୁର

ପ୍ରଖ୍ୟାତ ଅଭିନେତା ରାଜକାପୁରଙ୍କ ୧୦୦ତମ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ କାପୁର କେବଳ ଜଣେ ଚଳଚ୍ଚିତ୍ର ନିର୍ମାତା ନଥିଲେ ବରଂ, ସେ ଦେଶର ସାଂସ୍କୃତିକ ରାଷ୍ଟ୍ରଦୂତ ଥିଲେ। ଭାରତୀୟ ସିନେମାକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଚଳଚ୍ଚିତ୍ରଗୁଡ଼ିକ କଳାତ୍ମକ, ଭାବନା ଏବଂ ସାମାଜିକ ମନ୍ତବ୍ୟର ମିଶ୍ରଣ ଥିଲା। ସାଧାରଣ ନାଗରିକଙ୍କ ଆଶା, ଆକାଂକ୍ଷା ଏବଂ ସଂଘର୍ଷକୁ ଏହା ପ୍ରତିଫଳିତ କରୁଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଦକ୍ଷିଣ କୋରିଆ-ମହା ଅଭିଯୋଗ

ଦକ୍ଷିଣ କୋରିଆ ସଂସଦରେ ରାଷ୍ଟ୍ରପତି ୟୁମ୍‌ସୁଖ.ୟୋଙ୍କ ବିରୋଧରେ ଦ୍ୱିତୀୟ ମହା ଅଭିଯୋଗ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଛି।

ଏହି ପ୍ରସ୍ତାବ ପାରିତ ହେବା ପାଇଁ ଜାତୀୟ ସଂସଦର ୩୦୦ ସଦସ୍ୟଙ୍କ ମଧ୍ୟରୁ ୨୦୦ ଙ୍କର ସମର୍ଥର ଆବଶ୍ୟକତା ରହିଛି। ଏହାପରେ ମାମଲା ସାମ୍ବିଧାନିକ ଅଦାଲତକୁ ସ୍ଥାନିତ ହେବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତିଙ୍କ ବିରୋଧରେ ଆସିଥିବା ମହାଅଭିଯୋଗ ପ୍ରସ୍ତାବକୁ ସମର୍ଥନ ନ କରିବାକୁ ଶାସକ ଦଳ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଷ୍ଟ୍ରପତିଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ପାରିତ ହେବା ପରେ ସାମ୍ବିଧାନିକ ଅଦାଲତ ତାଙ୍କୁ ପୁନଃ ଅବସ୍ଥାପିତ କିମ୍ବା ପଦରୁ ହଟାଇବା ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସିଏ କ୍ଷମତାସୀନ ରହିବେ ବୋଲି ସେଠାକାର ସମ୍ବିଧାନ ଅନୁଯାୟୀ ବ୍ୟବସ୍ଥା ରହିଛି।

## ଏମ୍.ଇ.ଏ. - ଶ୍ରୀଲଙ୍କା ପ୍ରେଜ୍ ଭିଜିଟ୍

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଆସନ୍ତାକାଲିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି, ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଦିଶାନାୟକେ ପ୍ରଥମ ଥରପାଇଁ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତକାଳରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଞ୍ଚଳିକ ଓ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଶ୍ରୀଲଙ୍କା ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିହାରର ବୋଧଗୟା ଗସ୍ତ କରିବେ ।

## ଆର୍‌ବିଆଇ କୃଷିରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ ବିନା ଜମାନତରେ କୃଷି ରଣ ସୀମା ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଛି। ଏବେ ଏହା ୧ ଲକ୍ଷ ୬୦

ହଜାର ଟଙ୍କା ରହିଛି । ବର୍ଦ୍ଧିତ ସୀମା ଆସନ୍ତାମାସ ପହିଲାରୁ ଲାଗୁ ହେବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏ ସମ୍ପର୍କିତ ସୂଚନା ପ୍ରଦାନ କରି କହିଛି, ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ହେଉଛି କୃଷକଙ୍କୁ ଅଧିକ ଆର୍ଥିକ ସୁବିଧା ପ୍ରଦାନ କରିବା । କୃଷକଙ୍କର ପରିଚାଳନାଗତ ଏବଂ ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସମ୍ବଳ ସୁନିଶ୍ଚିତ କରିବା ହେଉଛି ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ । ଏହା ମାଧ୍ୟମରେ ଋଣ ବିତରଣ ଅଧିକ ସୁବ୍ୟବସ୍ଥିତ ହୋଇପାରିବ । କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଋଣ ଗ୍ରହଣ ପ୍ରକ୍ରିୟାର ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରଣାଳୟ ଆଶା ବ୍ୟକ୍ତ କରିଛି ।

## ଏନ୍.ଏଚ୍.ଏ.ଆଇ. - ଆର୍.ପି.ଭି.

ଦେଶର ଜାତୀୟ ରାଜପଥଗୁଡ଼ିକରେ ନିରାପତ୍ତା ବୃଦ୍ଧି ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ - ଏନ୍.ଏଚ୍.ଏ.ଆଇ. ରାଜମାର୍ଗ ସାଥୀ ନାମକ ଅତ୍ୟାଧୁନିକ ନୂତନ ରୁଟ୍ ପାଟ୍ରୋଲିଂ ଯାନ ବ୍ୟବସ୍ଥା ଆରମ୍ଭ କରିବେ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଜରୁରୀକାଳୀନ ପରିସ୍ଥିତି ଉପରେ ନଜର ରଖିବା ଏବଂ ପଦକ୍ଷେପ ନେବାପାଇଁ ଏହି ଯାନଗୁଡ଼ିକ ଜାତୀୟ ରାଜପଥରେ ଯାଞ୍ଚ କାର୍ଯ୍ୟ କରିବ । ଏହି ନୂତନ ଯାନରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଡାସ୍‌ବୋର୍ଡ଼ କ୍ୟାମେରା ଓ କ୍ୟାବିନେଟ୍ ରହିବ । ଭିଡ଼ଜନିତ ପ୍ରତିବନ୍ଧକକୁ ହ୍ରାସ କରିବା, ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଉପଭୋକ୍ତାଙ୍କ ଅଭିଜ୍ଞତା ବୃଦ୍ଧି କରିବା ଲାଗି ଏହି ଯାନଗୁଡ଼ିକରେ ଉନ୍ନତ ଯୋଗାଯୋଗ ଏବଂ ସୁରକ୍ଷା ଉପକରଣ ବ୍ୟବସ୍ଥା କରାଯିବ ।

# କ୍ରିକେଟ୍ - ଇଣ୍ଡିଆ-ଅଷ୍ଟ୍ରେଲିଆ

ବ୍ରିସ୍‌ବେନ୍‌ର ଗାବାଠାରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ଆଜିର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସ୍‌ରେ ୧୩ ଓଭର ଏବଂ ୨ଟି ବଲ୍‌ରେ ୨୮ ରନ୍ ସଂଗ୍ରହ କରିଛି। ଆସନ୍ତାକାଲିର ଖେଳ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଧ ଘଣ୍ଟା ପୂର୍ବରୁ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ଭାରତ ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଛି । ରବିଚନ୍ଦ୍ରନ ଅଶ୍ୱିନୀ ଏବଂ ହର୍ଷିତ୍ ରାଣାଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଓ ଆକାଶଦୀପ୍‌ଙ୍କୁ ଦଳରେ ସାମିଲ୍ କରାଯାଇଛି ।

ଆଡିଲେଡ୍‌ର ଓଭାଲ୍‌ଠାରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବା ପରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୧-୧ରେ ସମାନ ସ୍ଥିତିରେ ରହିଛି । ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ବିଜୟ ଲାଭ କରିଥିଲା ।